ଭାରତ ସଂଘ ଉପ ଲବଣ ଆୟୁକ୍ତ, ବମ୍ବେ

ବନାମ

ଏସ୍. ଏଚ୍. ପୁରନମାଲ୍ ଲାଲଚାନ୍ଦ୍ ମୁନ୍ଦ୍ରା ଏବଂ ଅନ୍ୟଜଣେ

ଏପ୍ରିଲ 2, 1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ ନ୍ୟାୟାଧୀଶଦ୍ୱୟ]

*କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲବଣ ଅଧିନିୟମ, 1944/କେନ୍ଦ୍ରୀୟ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, 1944/ବମ୍ବେ ଜମି ରାଜସ୍ୱ ସଂହିତା, 1966:*

*ଲବଣ କ୍ଷେତ୍ରୀୟ ଜମି - ଲୁଣ ଉତ୍ପାଦନ ପାଇଁ ଅନୁମତି ପତ୍ର- ଅନୁମତି ପତ୍ର ନୂତନୀକରଣ ପାଇଁ ଚାହୁଁଥିବା ବ୍ୟକ୍ତିଙ୍କ ନୂତନୀକରଣ ତାଙ୍କ ମାଲିକାନା ପ୍ରତିଷ୍ଠା ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ କୌଣସି ଆବେଦନ ଦାଖଲ କରି ନଥିଲେ - ନିର୍ଣ୍ଣୟ ହେଲା ଯେ, ଅନୁମତି ପତ୍ର ନୂତନୀକରଣ ପାଇଁ ଚାହୁଁଥିବା ବ୍ୟକ୍ତି ମାଲିକଙ୍କଠାରୁ ମାଲିକ କିମ୍ବା ପଟ୍ଟାଧାରୀ ହେବା ଆବଶ୍ୟକ - ଯେହେତୁ ମାଲିକାନା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ, ଉତ୍ତରଦାତାମାନେ ଜିଲ୍ଲାପାଳଙ୍କ ସମ୍ମୁଖରେ ଏକ ଆବେଦନ କରିବା ଉଚିତ ଯିଏ ଉତ୍ତରଦାତାଙ୍କ ସମ୍ପତ୍ତିରେ ମାଲିକାନା ଅଛି କି ନାହିଁ ତାହା ତଦନ୍ତ କରିବେ ଏବଂ ଛଅ ମାସ ମଧ୍ୟରେ ପ୍ରସଙ୍ଗର ଫଏସଲା କରିବେ - ସେପର୍ଯ୍ୟନ୍ତ ଆବେଦନକାରୀ ଅନୁମତି ପତ୍ର ନୂତନୀକରଣ କରିବେ- ଏହା ମାଲିକାନା ମକଦ୍ଦମାର ଫଳାଫଳର ବିଷୟଭୁକ୍ତ ହେବ ।*

ଦେୱାନୀ ଅପିଲୀୟ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 6961/1996 ।

ଡବ୍ଲ୍ୟୁ. ପି. ସଂଖ୍ୟା 81/198ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 30.7.91 ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ ସୁଶ୍ରୀ ବିନୁ ତାମଟା ଏବଂ ଡି. ଏସ୍. ମେହେରା ।

ଉତ୍ତରଦାତାଙ୍କ ପାଇଁ ଏ. ଏମ୍. ଖାନୱିଲକର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ଉତ୍ତରଦାତା ଲବଣ ଅଧିନିୟମ ଅନୁଯାୟୀ ଅନୁମତି ପତ୍ର ନବୀକରଣ ପାଇଁ ଆବେଦନ କରିଥିଲେ । ଆବେଦନକାରୀ ସରକାରଙ୍କ ଜମିର ମାଲିକାନା ଗ୍ରହଣ କରିବା ପାଇଁ କିମ୍ବା ମାଲିକଙ୍କଠାରୁ କୌଣସି ପଟ୍ଟା ପାଇବା ପାଇଁ ଅନୁମତି ପତ୍ର ନବୀକରଣ ମଞ୍ଜୁର କରିବାକୁ ଉତ୍ତରଦାତାଙ୍କୁ ଜିଦ୍ ଧରିଥିଲେ । ଏହି ଆଦେଶକୁ ଆପତ୍ତି କରି, ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ସମାନ ମାମଲାରେ, ବମ୍ବେ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ ଯେ ଆବେଦନକାରୀ ସମ୍ପତ୍ତିର ମାଲିକାନା ଗ୍ରହଣ କରିବାକୁ ଜିଦ୍ ଧରିବେ ନାହିଁ । କିନ୍ତୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଆବେଦନରେ ମାଲିକାନା ଉପରେ ବିଚାରାଧୀନ ମାମଲା ଫଏସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେପର୍ଯ୍ୟନ୍ତ ଆବେଦନର ଫଳାଫଳ ଅନୁଯାୟୀ ଅନୁମତି ପତ୍ର ନବୀକରଣ ମଞ୍ଜୁର କରିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା ।

ଯେତେବେଳେ ସମାନ ପ୍ରସଙ୍ଗ ସାମ୍ନାକୁ ଆସେ, ଏହି ନ୍ୟାୟାଳୟ ଦୁଇଟି ମାମଲାରେ ଯେଉଁଠାରେ ପ୍ରାଥମିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମତି ପତ୍ରଧାରୀଙ୍କ ସ୍ୱତ୍ୱକୁ ସମର୍ଥନ କରାଯାଇଥିଲା କିନ୍ତୁ ଆବେଦନ ବିଚାରାଧୀନ ଅଛି, ନିର୍ଦ୍ଦେଶ ଦେଇଥିଲେ ଯେ ଆବେଦନର ଫଏସଲା ହେବା ପର୍ଯ୍ୟନ୍ତ, ଆବେଦନର ଫଳାଫଳ ଉପରେ ନିର୍ଭର କରି ଲବଣ ଅଧିନିୟମ ଅନୁଯାୟୀ ଅନୁମତି ପତ୍ରର ନବୀକରଣ ମଞ୍ଜୁର କରାଯିବ । ଅନ୍ୟାନ୍ୟ ମାମଲାରେ, ଏହି ନ୍ୟାୟାଳୟ ଉତ୍ତରଦାତାଙ୍କୁ ସକ୍ଷମ ପ୍ରାଧିକରଣ, ଅର୍ଥାତ୍ ଜିଲ୍ଲାପାଳଙ୍କ ସମ୍ମୁଖରେ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାଙ୍କୁ ଉତ୍ତରଦାତାଙ୍କର ସମ୍ପତ୍ତିର ମାଲିକାନା ଅଛି କି ନାହିଁ ଆବେଦନର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ନ୍ୟାୟାଳୟ ରାଜ୍ୟରେ ଲବଣ କ୍ଷେତ୍ରୀୟ ଜମିର ବୈଧାନିକ ନ୍ୟସ୍ତୀକରଣ ଏବଂ ନ୍ୟାୟ ନିର୍ଣ୍ଣୟରେ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇପାରୁଥିବା ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ଉପରେ ବିଚାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀଙ୍କୁ ମୂଳ ପ୍ରାଧିକରଣଙ୍କ ସମ୍ମୁଖରେ ଆପତ୍ତି ଦାଖଲ କରିବାକୁ ଆହୁରି ଏକ ନିର୍ଦ୍ଦେଶ ଜାରି କରାଯାଇଥିଲା ଏବଂ ସେହି ଆଦେଶ ପ୍ରାପ୍ତ ହେବାର ଛଅ ମାସ ମଧ୍ୟରେ ପକ୍ଷମାନଙ୍କୁ ଶୁଣିବା ପରେ ପ୍ରସଙ୍ଗଗୁଡ଼ିକର ଫଏସଲା କରିବାକୁ ମୂଳ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଏହି ମାମଲାରେ, ପରବର୍ତ୍ତୀ ପରିସ୍ଥିତି ସୃଷ୍ଟି ହୁଏ, ଅର୍ଥାତ୍, ଉତ୍ତରଦାତାମାନେ ସେମାନଙ୍କର ସ୍ୱତ୍ୱ ସ୍ଥାପନ କରିବା ପାଇଁ କୌଣସି କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ଆବେଦନ ଦାଖଲ କରି

ନଥିଲେ । ଏହା ସ୍ଥିରୀକୃତ ଆଇନ ଯେ ଉତ୍ତରଦାତା ଅନୁମତି ପତ୍ର ନୂତନୀକରଣ ପାଇଁ ମାଲିକଙ୍କଠାରୁ ପଟ୍ଟାଧାରୀଙ୍କ ମାଲିକ ହେବା ଆବଶ୍ୟକ ।

ଏହି ସତ୍ୟକୁ ଦୃଷ୍ଟିରେ ରଖି ଯେ ଏହି ସ୍ୱତ୍ୱ ଏପର୍ଯ୍ୟନ୍ତ ନିର୍ଣ୍ଣୟ ହୋଇନାହିଁ, ଉତ୍ତରଦାତାମାନଙ୍କୁ ଜିଲ୍ଲାପାଳଙ୍କ ସମ୍ମୁଖରେ ଏକ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ବୈଧାନିକ ନ୍ୟସ୍ତତାକୁ ଧ୍ୟାନରେ ରଖି ଏବଂ ଉତ୍ତରଦାତା କିମ୍ବା ରାଜ୍ୟ ସରକାର କିମ୍ବା ଆବେଦନକାରୀଙ୍କ ଦ୍ୱାରା ଉପସ୍ଥାପନ କରିବାକୁ ଥିବା ଅନ୍ୟ କୌଣସି ଦସ୍ତାବିଜକୁ ବିଚାରକୁ ନେଇ ଜିଲ୍ଲାପାଳଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପକ୍ଷମାନଙ୍କୁ ଶୁଣିବା ପରେ ଏବଂ ସୁଯୋଗ ଦେବା ପରେ, ଏହି ଆଦେଶ ପ୍ରାପ୍ତ ହେବାର ତାରିଖରୁ ଛଅ ମାସ ମଧ୍ୟରେ ପ୍ରସଙ୍ଗଟିର ସମାଧାନ କରାଯିବ । ସେପର୍ଯ୍ୟନ୍ତ, ଆବେଦନକାରୀଙ୍କୁ ଲବଣ ଅଧିନିୟମ ଅନୁଯାୟୀ ଅନୁମତି ପତ୍ର ନୂତନୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସେହି ଅଧିକାର ମକଦ୍ଦମାର ଫଳାଫଳ ଉପରେ ନିର୍ଭର କରିବ। ଏହି ପ୍ରଜାସ୍ୱତ୍ୱ ମକଦ୍ଦମା ଗୁଡିକର ଫଳାଫଳ ଉପରେ ଏହାର ବିଷୟଭୁକ୍ତ ହେବ ।

ତଦନୁଯାୟୀ ଆବେଦନଟିର ଫଏସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଏଚ୍. ଆର୍. ପି. ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ<br>
ଅନୁବାଦକ<br>
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।